# Akashvani, Sambalpur

## SAMBALPURI NEWS EVENING BULLETIN

## 26 December 2025- 7.02 pm- 7.12 pm.

*********************************************

୧- ଛାତ୍ରଛାତ୍ରୀମାନେ ଦେଶ୍‌ପ୍ରେମ୍ ଆଉ ଉତ୍କର୍ଷ ଆଦର୍ଶଥି ଅନୁପ୍ରାଣିତ ହେଲେ ମାନବତାକେ ସୁନିଶ୍ଚିତ୍ କରିହେବା- କହେଲେ ରାଷ୍ଟ୍ରପତି ।

- ନୂଆଦିଲ୍ଲୀ ନ ହେଇଥିବା ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ ସମାରୋହଥି ଗଜପତି ଜିଲ୍ଲାର୍ ଜ୍ୟୋତ୍ସ୍ନା ଶବର ହେଲେ ପୁରସ୍କୃତ ।

୨- ବୀର୍ ବାଲ୍ ଦିବସ୍ ଅବ୍‌ସରେ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଭାବ୍ ବିନିମୟ କଲେ ପ୍ରଧାନ୍‌ମନ୍ତ୍ରୀ ।

୩- କେନ୍ଦୁଝର୍ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଲେ ମୁଖ୍ୟମନ୍ତ୍ରୀ ।

୪- ଆଏବାକାଏଲ୍‌ନୁ ୩ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ ଭାରତୀୟ ନିର୍ବାଚନ୍ ଆୟୁକ୍ତ ।

ଆଉର୍

୫- ସମ୍ବଲ୍‌ପୁର୍ ନ ୧୨ କୋଟିନୁ ଅଏତ୍‌କା ଟଙ୍କାର୍ ୩୦ ଟା ପ୍ରକଳ୍ପର୍ ଶୁଭାରମ୍ଭ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର-ରାଷ୍ଟ୍ରପତି    ଏନ୍‌ଏସ୍‌ଡି

ପ୍ରତିଭାବାନ୍ ଛାତ୍ରଛାତ୍ରୀଙ୍କର୍ ଲାଗି ଭାରତ୍ ବିଶ୍ୱସ୍ତରଥି ଭଲ୍ ପ୍ରଦର୍ଶନ୍ କରୁଛେ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ଆଏଜ୍ ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ ପ୍ରଦାନ୍ କରିକରି ଶ୍ରୀମତୀ ମୁର୍ମୁ କହିଛନ୍, ଛାତ୍ରଛାତ୍ରୀଙ୍କର୍ ସଫଲତା ସାରା ଦେଶ୍‌କେ ତହଁକଉଛେ । ଦେଶର୍ ପିଲାମାନେ ଦେଶ୍‌ପ୍ରେମ୍ ଆଉ ଉତ୍କର୍ଷ ଆଦର୍ଶଥି ଅନୁପ୍ରାଣିତ୍ ହେଇପାର୍‌ଲେ ମାନବତାକେ ସୁନିଶ୍ଚିତ୍ କରିହେବା ବଲି ରାଷ୍ଟ୍ରପତି କହିଛନ୍...

(ଭଏସ୍ ଓଭର୍- ରାଷ୍ଟ୍ରପତି)

ରାଷ୍ଟ୍ରପତି ଇ ଅବ୍‌ସରେ ସାହସିକତା, କଳା ଆଉ ସଂସ୍କୃତି, ପରିବେଶ୍, ନୂଆଁ ସୃଜନ୍, ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଜ୍ଞାନ୍ ବାଗିର୍ ଭିନ୍ ଭିନ୍ କ୍ଷେତ୍ରଥି ଉଲ୍ଲେଖନୀୟ ସଫଲତା ହାସଲ୍ କରିଥିବା ୧୮ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ୨୦ ଝନ୍ ଛୁଆଙ୍କୁ ଇ ପୁରସ୍କାର୍ ପ୍ରଦାନ୍ କରିଛନ୍ । ଭାରୋତଲନ୍ କ୍ଷେତ୍ରଥି ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତର୍ ନ ଉତ୍କର୍ଷତା ଲାଗି ଓଡ଼ିଶାର୍ ଗଜପତି ଜିଲ୍ଲାର୍ ସୁଶ୍ରୀ ଜ୍ୟୋସ୍ନା ଶବର୍ ପ୍ରଧାନ୍‌ମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାର୍ ରାଷ୍ଟ୍ରପତିଙ୍କର୍‌ନୁ ଗ୍ରହଣ୍ କରିଛନ୍ ।

ରାଷ୍ଟ୍ରୀୟ ବାଲ୍ ପୁରସ୍କାର-ପ୍ରଧାନ୍‌ମନ୍ତ୍ରୀ ଏନ୍‌ଏସ୍‌ଡି

ଶିଖ୍ ଗୁରୁ ଗୋବିନ୍ଦ୍ ସିଂ ଜୀଙ୍କର୍ ଦୁଇ ପୁଓ ସାହେବ୍‌ଜାଦେ ବାବା ଜୋରାୱ୍ୱର୍ ସିଂଜୀ ଆଉ ବାବା ଫତେହ ସିଂ ଜୀଙ୍କର୍ ଅଦମ୍ୟ ସାହସ୍ ଆଉ ବଲିଦାନ୍‌କେ ସମ୍ମାନ୍ ଜନେଇକରି ଆଏଜ୍ ସାରା ଦେଶେ ବୀର୍ ବାଲ୍‌ଦିବସ୍ ପାଲନ୍ କରାଯାଉଛେ ।

ବୀର୍ ବାଲ୍‌ଦିବସ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ ପାଇଥିବା ଛୁଆମାନ୍‌କର୍ ସାଙ୍ଗେ ନୂଆଦିଲ୍ଲୀ ଭାରତ୍ ମଣ୍ଡପମ୍ ନ ଭାବ୍ ବିନିମୟ କରିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ସାହେବ୍‌ଜାଦାଙ୍କର୍ ପରିଶ୍ରମ୍ ଆଉ କଠିନ୍ ପରିଶ୍ରମ୍ ସବୁବେଲେ ସୁର୍‌ତା ହେଇ ରହେବା । ଅଦମ୍ୟ ସାହସ୍, ବୀରତ୍ୱ ଆଉ ତ୍ୟାଗର୍ ପ୍ରତୀକ୍ ବୀର୍ ସାହେବ୍‌ଜାଦାଙ୍କର୍ ଗୌରବମୟ ଅତୀତ ଇହାଦେ ଯୁଆନ୍ ପିଢ଼ି ଲାଗି ଗୁଟେ ବର୍‌କସ୍ ପ୍ରେରଣା ହେବା । ଯେନ୍‌ଟାକି ରାଷ୍ଟ୍ରନିର୍ମାଣ୍ ଦିଗେ ସେମାନ୍‌କୁ ତହଁକାବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।
(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ- କେନ୍ଦୁଝର୍ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ୩ ଦିନିଆ କେନ୍ଦୁଝର୍ ଗସ୍ତଥି ଯାଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଗସ୍ତର୍ ପହେଲାଦିନେ ଆଏଜ୍ ସଖାଲେ ମୁଖ୍ୟମନ୍ତ୍ରୀ ରାଇସୁଆଁ ବିମାନ୍ ପଡ଼ିଆ ଉତ୍‌ରୁ ପଲାସ୍‌ପଙ୍ଗା ନ ପୁହୁଁଚିକରି ଧାନ୍ ମଣ୍ଡି ଉଦ୍‌ଘାଟନ୍ କରିଛନ୍ । ତାର୍ ଉତ୍‌ରୁ ମୁରୁସୁଆଁ ଖେଲ୍‌ପଡ଼ିଆ ନ ଗୁଟେ ସାଧାରଣ ସଭାଥି ଯୋଗ୍ ଦେଇଛନ୍ । ଉପର୍‌ବେଲା ୩ ବାଜିକରି ୪୫ ମିନିଟ୍‌ଥି ବିପ୍ଲବୀ ବୀର ଧରଣୀଧରଙ୍କର୍ ପ୍ରତିମୂର୍ତ୍ତି ଉନ୍ମୋଚନ୍ କରିଛନ୍ । ସଞ୍ଜ୍‌ବେଲର୍ ସାଢ଼େ ୬ ବଜେ କେନ୍ଦୁଝର୍ ଷ୍ଟାଡ଼ିୟମ୍ ନ ଚାଲିଥିବା ଗୋନାସିକା କେନ୍ଦୁଝର୍ ମହୋତ୍ସବ୍‌କେ ଉଦ୍‌ଘାଟନ୍ କରିଛନ୍ ।

ବି.ଭି. ଜି ରାମ ଜି ବିଲ୍ ଏନ୍‌ଏସ୍‌ଡି

ବିକଶିତ ଭାରତ ଜି ରାମ ଜି ଯୋଜ୍‌ନା ଜରିଏ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ୍ କର୍‌ବାର ଲାଗି ଦେଶର୍ ଗ୍ରାମୀଣ ଇଲାକା ନ ଉନ୍ନୟନମୂଲକ୍ କାମ୍‌କେ ତୁର୍‌ତି କରାଯିବା ବଲି କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ କହିଛନ୍ । ପ୍ରସାର ଭାରତୀର୍ ଗୁଟେ ସାକ୍ଷାତ୍‌କାରଥି ଆଏଜ୍ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍, ଇ ଯୋଜ୍‌ନା ଫିଁ ଗ୍ରାମୀଣ ପରିବାର୍‌କେ

ବୈଧାନିକ୍ ମଜୁରୀ ନିଯୁକ୍ତି ଶହେ ଦିନ୍‌ନୁ ଶହେ ୨୦ ଦିନ୍‌କେ ବଢ଼ାବା । ଶ୍ରମିକମାନେ ଆବେଦନ୍ କର୍‌ବାର୍ ୧୫ ଦିନ୍ ଭିତ୍‌ରେ କାମ୍ ଯୁଗେଇ ନାଇଁ ଦେଲେ ତାଙ୍କୁ ବେକାରୀ ଭତା ବାଧ୍ୟତାମୂଲକ୍ ଭାବେ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍ ।

ସେ ଆହୁରି କହିଛନ୍, ମଜୁରୀ, ସାମଗ୍ରୀ ଆଉ ପ୍ରଶାସନିକ୍ ଉପାଦାନ୍ ଲାଗି ମୋଟ୍ ଆନୁମାନିକ୍ ବାର୍ଷିକ୍ ପାଣ୍ଠିର୍ ଆବଶ୍ୟକତା ରାଜ୍ୟ ଅଂଶ ସହେତେ ୧ ଲାଖ୍ ୫୧ ହଜାର କୋଟି ଟଙ୍କାନୁ ଅଏତ୍‌କା ରହିଛେ । ସେଥିର୍ ଭିତ୍‌ରୁ ୯୫ ହଜାର କୋଟିନୁ ଅଏତ୍‌କା ଟଙ୍କା କେନ୍ଦ୍ରୀୟ ଅଂଶ ଆଏ ବଲି କେନ୍ଦ୍ର ମନ୍ତ୍ରୀ କହିଛନ୍ ।

ଭାରତୀୟ ନିର୍ବାଚନ୍ ଆୟୁକ୍ତ-ଓଡ଼ିଶାଗସ୍ତ I&PR

ଭାରତୀୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ୍ କୁମାର୍ ଆଏବା କାଏଲ୍‌ଠାନୁ ୩ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଆଏବା କାଏଲ୍ ଆୟୁକ୍ତ ଶ୍ରୀ କୁମାର୍ ପୁରୀ ଶ୍ରୀମନ୍ଦିର୍‌କେ ଯାଇକରି ମାହାପୁରୁମାନ୍‌କର୍ ଦର୍ଶନ୍ କର୍‌ବେ । ତାର୍ ଉତ୍‌ରୁ କୋଣାର୍କ ଯିବେ । ୨୮ ତାରିଖ୍ ରଘୁରାଜ୍‌ପୁର୍, ଧଉଳି, ଖଣ୍ଡଗିରି, ଉଦୟଗିରି, ମୁକ୍ତେଶ୍ୱର୍ ମନ୍ଦିର୍ ବୁଲ୍‌ବେ । ୨୯ ତାରିଖ୍ ଦିନ ଭୁବ୍‌ନେଶ୍ୱର୍ ଓଡ଼ିଶା କୃଷି ବୈଷୟିକ

ବିଶ୍ୱବିଦ୍ୟାଳୟ- ଓୟୁଏଟି ପରିସର୍ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ବୁଥ୍‌ସ୍ତରୀୟ ଅଧିକାରୀମାନ୍‌କୁ ସମ୍ବୋଧନ୍ କର୍‌ବେ ।

ରାଜ୍ୟପାଲ୍ I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ପରିସର୍ ନ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟିଙ୍କୁ ସଂସ୍କୃତି ଆଉ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସୌଜନ୍ୟମୂଳକ୍ ସାକ୍ଷାତ୍ କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ସୂରଜ୍ ଓଡ଼ିଶା ନ ଉଚ୍ଚଶିକ୍ଷା ବ୍ୟବସ୍ଥାର୍ ବର୍ତମାନ୍‌ର ଥିତି ଆଉ ଇ ଦିଗେ ନିଆଯାଉଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରିଛନ୍ ।

ଧର୍ମେନ୍ଦ୍ର ପ୍ରଧାନ୍- ସମ୍ବଲ୍‌ପୁର୍ ସମ୍ବଲପୁର ସମ୍ବାଦଦାତା

ସମାଜ୍‌ର ଶେଷ୍ ଧାଡ଼ି ନ ଥିବା ଲୁକ୍‌କର୍ ପାଖ୍‌କେ ସବୁ ରକ୍‌ମର୍ ସୁବିଧା ଯୁଗେଇ ଦେବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ନ ହେଇଥିବା ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା ସହରାଂଚଲ୍ କାର୍ଯ୍ୟାଦେଶ୍ ଆଉ ଭିନ୍ ଭିନ୍ ଯୋଜ୍‌ନାର୍ ସୁବିଧା ବିତରଣ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍

ଦେଇକରି ଶ୍ରୀ ପ୍ରଧାନ୍, ୮ ଶହ ୫୫ ଝନ୍ ହିତାଧିକାରୀଙ୍କୁ ପକ୍କା ଘର୍ ଲାଗି କାର୍ଯ୍ୟାଦେଶ୍ ବାଂଟିଛନ୍ । ଇ ଅବ୍‌ସରେ ଶ୍ରୀ ପ୍ରଧାନ୍ କହିଛନ୍,

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

କାର୍ଯ୍ୟକ୍ରମ୍‌ଥି ପିଏମ୍ ସ୍ୱନିଧି ଯୋଜ୍‌ନାଥି ଉଠା ଦୁକାନୀମାନ୍‌କୁ ୧୫ ହଜାର୍‌ନୁ ୫୦ ହଜାର୍ ଟଙ୍କାତକ୍ ବିନା ସୁଧଥି ରଣ ଦିଆଯାଇଛେ । ଇତାର୍‌ସହେତେ ଶ୍ରୀ ପ୍ରଧାନ୍, ସମ୍ବଲ୍‌ପୁର୍ ମହାନଗର୍ ନିଗମ୍‌ର ସୌନ୍ଦର୍ଯ୍ୟକରଣ୍, ସ୍ୱଚ୍ଛତା, ରାସ୍ତାଘାଟ୍, ଡ୍ରେନେଜ୍ ବ୍ୟବସ୍ଥା ଆଉ ଆନୁସଙ୍ଗିକ୍ ଭିତିଭୂମି କ୍ଷେତ୍ର‌ଥି ୧୨ କୋଟିନୁ ଅଏତ୍‌କା ଟଙ୍କାର୍ ୩୦ ଟା ଉନ୍ନୟନ୍ ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ ।

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ- ଭିସୁଟ୍‌ର ୧୭ ନମ୍ବର୍ ସମାବର୍ତନ୍ ଉତ୍ସବ୍‌ଥି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଯୋଗ୍ ଦେଇକରି ଭିନ୍ ଭିନ୍ ବର୍ଗଥି ୧ ହଜାର୍ ଶହେ ୩୮ ଝନ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଉପାଧି ଆଉ ପଦକ୍ ପ୍ରଦାନ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍, ବିଧାୟକ୍ ଜୟନାରାୟଣ୍ ମିଶ୍ର ପ୍ରମୁଖ ଉପସ୍ଥିତ୍ ଥିଲେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ଉଦ୍ୟାନ୍ କୃଷି ପ୍ରଶିକ୍ଷଣ ପ୍ରତିଷ୍ଠାନ୍

/ସମ୍ବଲପୁର ସମ୍ବାଦଦାତା

ଫୁଲ୍‌ର କଚଡ଼ା ନୁ ଭିନ୍ ଭିନ୍ ରକ୍‌ମର୍ ଘର୍ ସଜା ଦରବ୍, ଅଗର୍‌ବତୀ, ରଙ୍ଗ୍ ଆର୍ ଅତର୍ ତିଆର୍ ଲାଗି ସମ୍ବଲ୍‌ପୁର୍ ଜିଲ୍ଲା ନୀଲ୍‌ଡୁଙ୍ଗରୀ ନ ଥିବା ଉଦ୍ୟାନ୍ କୃଷି ପ୍ରଶିକ୍ଷଣ ପ୍ରତିଷ୍ଠାନ୍ ନ ଗୁଟେ ତାଲିମ୍ ଶିବିର୍ ହେଇଯାଇଛେ । ଶିବିର୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମହିଳାମାନେ ତିଆର୍ କରୁଥିବା ଭିନ୍ ଭିନ୍ ଦରବ୍ ଦେଖିବାର୍ ସଙ୍ଗେ ସେମାନ୍‌କର୍ ସୁବିଧା ଅସୁବିଧା ବାବ୍‌ଦେ ଆଲୋଚନା କରିଥିଲେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍

ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ସ୍କୁଲ୍ ଛାତ୍ରଛାତ୍ରୀ-ମାହାଲିଆ ବସ୍ ଯାତ୍ରା ଏକ୍ସ

ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜ୍ନାଥି ରାଜ୍ୟର୍ ସ୍କୁଲ୍ ଛାତ୍ରଛାତ୍ରୀମାନ୍କର୍ ଲାଗି ମାହାଲିଆ ବସ୍ ଯାତ୍ରା ଯୁଗେଇ ଦିଆଯିବା । ଇ ବାବ୍ଦେ ପରିବହନ୍ ବିଭାଗ୍ ତର୍ଫୁ ଆଏଜ୍ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍ସାରେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ର ଇ ବାବଦ୍ ପ୍ରସ୍ତାବ୍କେ ରାଜ୍ୟସର୍କାର୍ ଅନୁମୋଦନ୍ କରିଛନ୍ । ଏସି ଆଉ ନନ୍ ଏସି ବସ୍ଥି ଇ ସେବା ଲାଗୁ କରାଯିବା । ବସ୍ଥି ଯା’ଆସ୍ ବେଲେ ଛାତ୍ରଛାତ୍ରୀମାନେ ସ୍କୁଲ୍ ଡ୍ରେସ୍ ପିନ୍ଧିଥିବାର୍ ବେଲେ ଆଇକାର୍ଡ଼ ପାଖେ ରଖିଥିବେ ।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ I&PR

ମହିଲା ଆଉ ଶିଶୁବିକାଶ୍ ବିଭାଗ୍ ଅନ୍ତର୍ଗତ୍ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଅଧୀନ୍ଥି କାର୍ଯ୍ୟାନ୍ୱୟନ ସଂସ୍ଥା ବାଛ୍ବାର୍ ଲାଗି ଆବେଦନ୍ ଦାଖଲ୍ ସମିଆ ଜାନୁଆରୀ ୮ ତାରିଖ୍ତକ୍ ବଢ଼ାଯାଇଛେ । ଇତାର୍ସହେତେ ଅଲ୍ଗା ସବୁ ନିୟମ୍ ଆଉ

ସର୍ତ ଅପରିବର୍ତିତ୍ ରହିଛେ ବଲି ବିଭାଗ୍ ତର୍ଫୁ କୁହାଯାଇଛେ ।

ଧନୁଯାତ୍ରା ବର୍ଗଡ୍ ସମ୍ବାଦଦାତା

ବିଶ୍ୱ ପ୍ରସିଦ୍ଧ ବର୍ଗଡ୍ ଧନୁଯାତ୍ରାର୍ ୩ ନମ୍ବର୍ ଦିନେ ଗୋପପୁର ନ ନନ୍ଦ ଦର୍ବାର୍ ଉଦ୍‌ଘାଟିତ୍ ହେଇଯାଇଛେ । ଆରକ୍ଷୀ ଅଧିକ୍ଷକ୍ ପ୍ରହ୍ଲାଦ୍ ସହାୟ ମୀନା ଇତାର୍ ଉଦ୍‌ଘାଟନ୍ କରିଛନ୍ । ଆଏଜ୍ ଦିନ୍‌ବେଲା ଗୋପପୁର ନ ନନ୍ଦୋତ୍ସବ, କୃଷ୍ଣଙ୍କର୍ ଦୁଲିଝୁଲା, ରାସନୃତ୍ୟ ନଗର୍ କୀର୍ତନ୍ ସହେତେ ଗୋପପୁର ଭ୍ରମଣ୍ ଦ୍ୱାପର୍ ଯୁଗର୍ ଭ୍ରମ ସୃଷ୍ଟି କରୁଥିଲା । ସେଆଡ଼େ କଂସ ମହାରାଜ୍‌ଙ୍କର୍ ଅଟ୍ଟହାସ୍ୟଥି ମଥୁରା ନଗରୀ ଥରହର ହେଉଛେ । ମହାରାଜ୍ କଂସ ଆଏଜ୍ ସୌମେଶ୍ୱର୍ ମହାରାଜ୍‌ଙ୍କର୍ ଦର୍ଶନ୍, କାରାଗୃହ ପ୍ରବେଶ୍, ବିଜୁଳି କନ୍ୟାଙ୍କୁ ପଥର୍‌ଥି ପ୍ରହାର୍, ଆଉ ଦୈବ ବାଣୀ, ରାଜଦର୍ବାର୍ ନ କଂସଙ୍କର୍ ମନ୍ତ୍ରଣା, ନାରଦଙ୍କର୍ ଉପଦେଶ୍, ପୁତନା ଷଡ଼ମଲ୍ଲ ଆବାହନ ଆଉ ଗୋପପୁର ପ୍ରେରଣ ଦୃଶ୍ୟ ଆଉ କିଛି ସମିଆ ଉତ୍‌ରୁ ମଂଚସ୍ଥ ହେବା ।

ହାତୀ ଆକ୍ରମଣ୍- ମହିଳା ମୃତ୍ୟୁ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଲାଠୋର୍ ରେଞ୍ଜ୍ ବେନ୍ଦେର୍ ପଂଚାୟତ୍ ଚହକାପଡ଼ା ନ ହାତୀ ଆକ୍ରମଣ୍ଥି ଝନେ ମହିଲାଙ୍କର୍ ଜୀବନ୍ ଯାଇଛେ । ୪୫ ବର୍ଷିଆ ମହିଲାଝନ୍କ ହଉଛନ୍ କଂଟାବାଞ୍ଜି ଜିଲ୍ଲାର୍ ଫୁଲ୍‌କାନି ଗାଁର୍ ।

ବିଜୟ ହଜାରେ ଟ୍ରଫି ଏକ୍ସ

ବିଜୟ ହଜାରେ ଟ୍ରଫି-୨୦୨୫ ଥି ବାଜିମାରିଛେ ଓଡ଼ିଶା କ୍ରିକେଟ୍ ଦଲ୍ । ଏଲିଟ୍ ଗ୍ରୁପ୍ -ଡି ମେଚ୍‌ଥି ସର୍ଭିସେସ୍ ବିପକ୍ଷଥି ୪ ୱିକେଟ୍ ହରେଇକରି ଓଡ଼ିଶା ଦଲ୍ ମେଚ୍ ଜିତିଛେ । ରାଜେଶ୍ ମହାନ୍ତି ଆଉ ସମ୍ବିତ୍ ବରାଲଙ୍କର୍ ବର୍‌କସ୍ ବୋଲିଂ ଜରିଏ ଓଡ଼ିଶା ଦଲ୍ ୮୪ ରନ୍ ଲକ୍ଷ୍ୟକେ ୬ ୱିକେଟ୍ ହରେଇକରି ହାସଲ୍ କରିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୪ ଦିନ୍ ରାତିର୍ ତାପମାତ୍ରା ନାଇଁ ବଦ୍‌ଲେ । ତାର୍ ଉତ୍‌ରୁ ୨ ନୁ ୩ ଡିଗ୍ରୀତକ୍ ତାପମାତ୍ରା ବଢ଼ିକରି ଶୀତ୍ ଟିକେ କମ୍‌ବା । ଆଏବା କାଏଲ୍ ସଖାଲେ ଘନାକୁହୁଡ଼ି ହେବାର୍ ନେଇକରି

କଳାହାଣ୍ଡି, ନୟାଗଡ଼୍, କୋରାପୁଟ୍ ଆଉ କନ୍ଧମାଲ୍ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।